## ଗୁରୁବକ୍ସ ସିଂହ

## ବନାମ

## କର୍ତାର ସିଂହ ଏବଂ ଅନ୍ୟମାନେ

## ଫେବୃଆରୀ 11, 2002

## [ସୟଦ୍ ଶାହ ମହମ୍ମଦ କାଦ୍ରୀ ଏବଂ ବିଶେଶ୍ୱର ପ୍ରସାଦ ସିଂହ, ନ୍ୟାୟମୂର୍ତ୍ତିଦ୍ୱୟ]

*ପଞ୍ଜୀକରଣ ଅଧିନିୟମ, 1908:*

*ଧାରା 47- ବିକ୍ରୟ ଦଲିଲ - କାର୍ଯ୍ୟକାରିତା ଆରମ୍ଭ - ଗୋଟିଏ ଦିନରେ ନିଷ୍ପାଦିତ ଦୁଇଟି ବିକ୍ରୟ ଦଲିଲ (ପ୍ରଦର୍ଶନୀ P-2 ଏବଂ ପ୍ରଦର୍ଶନୀ D-1) - P-2 ର ନିଷ୍ପାଦନ ସମୟ ସକାଳ 10:00 ବୋଲି ଦର୍ଶାଯାଇଛି — D-1 ର ନିଷ୍ପାଦନ ସମୟ ଦର୍ଶାଯାଇ ନାହିଁ- ନିମ୍ନ ଅଦାଲତଗୁଡ଼ିକର ସମାନ ସିଦ୍ଧାନ୍ତ ଯେ ପ୍ରଦର୍ଶନୀ P-2, ପ୍ରଦର୍ଶନୀ D-1 ପୂର୍ବରୁ ନିଷ୍ପାଦିତ ହୋଇଛି ଏବଂ ପୂର୍ବବର୍ତ୍ତୀ ଦଲିଲ ପରବର୍ତ୍ତୀ ଉପରେ ପ୍ରାଧାନ୍ୟ ପାଇବ — ନିର୍ଣ୍ଣୟ ନିଆଗଲା ଯେ, ଏକ ଦଲିଲ ପରବର୍ତ୍ତୀ ସମୟରେ ପଞ୍ଜୀକୃତ ହେଲେ ମଧ୍ୟ ତାହା ନିଷ୍ପାଦନ କରାଯାଇଥିବା ସମୟରୁ କାର୍ଯ୍ୟକାରୀ ହେବ, ପଞ୍ଜୀକରଣ ସମୟରୁ ନୁହେଁ - ଯେଉଁଠାରେ ଦୁଇଟି ଦଲିଲ ଗୋଟିଏ ଦିନରେ ନିଷ୍ପାଦିତ ହୋଇଥାଏ, ସେମାନଙ୍କର ପଞ୍ଜୀକରଣ ସମୟ ନିର୍ବିଶେଷରେ ସେମାନଙ୍କ ନିଷ୍ପାଦନ ସମୟ ହିଁ ପ୍ରାଥମିକତା ନିର୍ଦ୍ଧାରଣ କରିବ - ଯେଉଁଟି ପୂର୍ବରୁ ନିଷ୍ପାଦିତ ହୋଇଛି ତାହା ପରବର୍ତ୍ତୀ ସମୟରେ ନିଷ୍ପାଦିତ ଦଲିଲ ଉପରେ ପ୍ରାଧାନ୍ୟ ପାଇବ - ନିମ୍ନ ଅଦାଲତଗୁଡ଼ିକର ସମାନ ସିଦ୍ଧାନ୍ତକୁ ଦୃଷ୍ଟିରେ ରଖି ଉଚ୍ଚ ନ୍ୟାୟାଳୟ ସଠିକ ଭାବେ ନିର୍ଣ୍ଣୟ ନେଇଥିଲେ ଯେ ପ୍ରଦର୍ଶନୀ P-2, ପ୍ରଦର୍ଶନୀ D-1 ଉପରେ ପ୍ରାଧାନ୍ୟ ପାଇବ - ସମ୍ବିଧାନର ଅନୁଚ୍ଛେଦ 136 ଅଧୀନରେ ହସ୍ତକ୍ଷେପ କରିବା ପାଇଁ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶରେ କୌଣସି ବେଆଇନତା ନାହିଁ- ଦଲିଲ ଏବଂ ଦସ୍ତାବିଜ - କାର୍ଯ୍ୟକାରିତା ଆରମ୍ଭ - ଭାରତୀୟ ସମ୍ବିଧାନ - ଅନୁଚ୍ଛେଦ 136 ।*

ଦେୱାନୀ ଅପିଲୀୟ କ୍ଷେତ୍ରାଧିକାର: ବିଶେଷ ଅନୁମତି ଆବେଦନ (ଦେୱାନୀ) ସଂଖ୍ୟା 1969/2002 ।

ଆର୍.ଏସ୍.ଏ. ସଂଖ୍ୟା 4050/1999 ରେ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟଙ୍କ 25.10.2001 ତାରିଖର ରାୟ ଏବଂ ଆଦେଶ ବିରୁଦ୍ଧରେ ।

ଆବେଦନକାରୀଙ୍କ ତରଫରୁ ଭିପିନ୍ ଗୋଗିଆ ଏବଂ ସୁଶ୍ରୀ ଜସପ୍ରିତ୍ ଗୋଗିଆ ।

ଗୁରୁବକ୍ସ୍ ସିଂହ ବନାମ କର୍ତାର ସିଂହ

ନ୍ୟାୟାଳୟଙ୍କ ଦ୍ୱାରା ନିମ୍ନଲିଖିତ ଆଦେଶ ପ୍ରଦାନ କରାଗଲା:

ଆବେଦନକାରୀଙ୍କ ତରଫରୁ ବିଜ୍ଞ ଅଧିବକ୍ତାଙ୍କ ଯୁକ୍ତି ଆମେ ଶୁଣିଲୁ ।

ଉତ୍ତରଦାତା ସଂଖ୍ୟା 2 ଜର୍ଣ୍ଣେଲ୍ ସିଂହ ନଭେମ୍ବର 25, 1991 ରେ ଦୁଇଟି ବିକ୍ରୟ ଦଲିଲ (ପ୍ରଦର୍ଶନୀ P-2 ଏବଂ ପ୍ରଦର୍ଶନୀ D-1) ନିଷ୍ପାଦନ କରିଥିଲେ ।ନିମ୍ନ ଅଦାଲତଗୁଡ଼ିକର ଅନୁସନ୍ଧାନକୁ ଭିତ୍ତି କରି ଯେ ପ୍ରଦର୍ଶନୀ P-2, ପ୍ରଦର୍ଶନୀ D-1 ପୂର୍ବରୁ ନିଷ୍ପାଦିତ ହୋଇଥିଲା, ଏବଂ ପ୍ରଥମ ଉତ୍ତରଦାତାଙ୍କ ସପକ୍ଷରେ ପ୍ରଦର୍ଶନୀ P-2 ସକାଳ 10:00 ଟା ସମୟରେ ନିଷ୍ପାଦିତ ହୋଇଥିବା ବେଳେ ଆବେଦନକାରୀଙ୍କ ସପକ୍ଷରେ ପ୍ରଦର୍ଶନୀ D-1 କେଉଁ ସମୟରେ ନିଷ୍ପାଦିତ ହୋଇଥିଲା ତାହା ଦର୍ଶାଯାଇ ନଥିଲା; ଉଚ୍ଚ ନ୍ୟାୟାଳୟ ଅକ୍ଟୋବର 25, 2001 ତାରିଖର ଆଦେଶ ବଳରେ ଆର୍.ଏସ୍.ଏ. ସଂଖ୍ୟା 4050/1999 ରେ ନିମ୍ନ ଅଦାଲତଗୁଡ଼ିକର ସମାନ ସିଦ୍ଧାନ୍ତକୁ ବଜାୟ ରଖି ନିର୍ଣ୍ଣୟ ନେଇଥିଲେ ଯେ ପ୍ରଦର୍ଶନୀ P-2, ପ୍ରଦର୍ଶନୀ D-1 ଉପରେ ପ୍ରାଧାନ୍ୟ ପାଇବ ଏବଂ ଏହିପରି ଭାବେ ଦ୍ୱିତୀୟ ଅପିଲକୁ ଖାରଜ କରିଥିଲେ । ଉକ୍ତ ଆଦେଶ ବିରୁଦ୍ଧରେ ଏହି ବିଶେଷ ଅନୁମତି ଆବେଦନ ଦାୟର କରାଯାଇଛି ।

ପଞ୍ଜୀକରଣ ଅଧିନିୟମ, 1908 ର ଧାରା 47 ର ବ୍ୟବସ୍ଥାଗୁଡ଼ିକୁ ଦୃଷ୍ଟିରେ ରଖି ଏହା ସୁନିଶ୍ଚିତ ଯେ, ଏକ ଦଲିଲ ପରବର୍ତ୍ତୀ ସମୟରେ ପଞ୍ଜୀକୃତ ହେଲେ ମଧ୍ୟ ତାହା ନିଷ୍ପାଦନ କରାଯାଇଥିବା ସମୟରୁ କାର୍ଯ୍ୟକାରୀ ହେବ, ପଞ୍ଜୀକରଣ ସମୟରୁ ନୁହେଁ । ଯେଉଁଠାରେ ଦୁଇଟି ଦସ୍ତାବିଜ ଗୋଟିଏ ଦିନରେ ନିଷ୍ପାଦିତ ହୋଇଥାଏ, ସେଗୁଡ଼ିକର ପଞ୍ଜୀକରଣ ସମୟ ନିର୍ବିଶେଷରେ ସେଗୁଡ଼ିକର ନିଷ୍ପାଦନ ସମୟ ହିଁ ପ୍ରାଥମିକତା ନିର୍ଦ୍ଧାରଣ କରିବ । ଯେଉଁଟି ସମୟ କ୍ରମେ ପୂର୍ବରୁ ନିଷ୍ପାଦିତ ହୋଇଛି ତାହା ପରବର୍ତ୍ତୀ ସମୟରେ ନିଷ୍ପାଦିତ ଦଲିଲ ଉପରେ ପ୍ରାଧାନ୍ୟ ପାଇବ । ଉପରୋକ୍ତ ସମାନ ସିଦ୍ଧାନ୍ତଗୁଡ଼ିକୁ ଦୃଷ୍ଟିରେ ରଖି, ଉଚ୍ଚ ନ୍ୟାୟାଳୟ ସଠିକ ଭାବେ ରାୟ ଦେଇଛନ୍ତି ଯେ ପ୍ରଦର୍ଶନୀ P-2, ପ୍ରଦର୍ଶନୀ D-1 ଉପରେ ପ୍ରାଧାନ୍ୟ ପାଇବ । ଆମେ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶରେ ଏପରି କୌଣସି ବେଆଇନତା ପାଉନାହୁଁ ଯାହାକି ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 136 ଅଧୀନରେ ଆମର ହସ୍ତକ୍ଷେପ ଆବଶ୍ୟକ କରୁଛି ।

ତଦନୁସାରେ, ବିଶେଷ ଅନୁମତି ଆବେଦନଟିକୁ ଖାରଜ କରାଯାଉଛି ।

ଆର୍.ପି. ଆବେଦନ ଖାରଜ ହେଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

***ଭାଷାନ୍ତର :***

**ଅମରେଶ୍ୱର ମିଶ୍ର, ଅନୁବାଦକ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।**